# ଅଗଷ୍ଟ ୨୮ରେ ପ୍ରଧାନମନ୍ତ୍ରୀ ଓଡ଼ିଶା...

କୋରାପୁଟ କିମ୍ବା ବଲାଙ୍ଗିର ଯିବେ ତାହା ଏଯାଏଁ ସ୍ଥିର ହୋଇନାହିଁ । ପ୍ରଧାନମନ୍ତ୍ରୀଙ୍କ ଗସ୍ତର ଚୂଡ଼ାନ୍ତ ରିପୋର୍ଟ ଘରୋଇ ବିଭାଗ ନିକଟରେ ପହଞ୍ଚିନାହିଁ । ଏହି ଗସ୍ତର ସବିଶେଷ କାର୍ଯ୍ୟକ୍ରମ ପରେ ମିଳିବ ବୋଲି ଘରୋଇ ବିଭାଗ ପକ୍ଷରୁ କୁହାଯାଇଛି ।

ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ରାଜନୈତିକ ଦୃଷ୍ଟିରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ ବୋଲି ମନେ କରାଯାଉଛି । ନିକଟରେ କେନ୍ଦ୍ର ସରକାର କେବିକେ ଯୋଜନାକୁ କାଟଛାଣ୍ଟ କରି ତାହାର ଅନୁଦାନ ପରିମାଣ କମାଇ ଦେଇଥିବାରୁ କେନ୍ଦ୍ର ସରକାରଙ୍କର ଭାବମୂର୍ତ୍ତି ଓଡ଼ିଶାରେ ଯଥେଷ୍ଟ କ୍ଷୁଣ୍ଣ ହୋଇଛି । ଏହାକୁ ନେଇ ଓଡ଼ିଶାର ସାଂସଦମାନେ ପାର୍ଲାମେଣ୍ଟରେ ପ୍ରବଳ ହଟଗୋଳ କରିଛନ୍ତି । କେନ୍ଦ୍ର ସରକାର କେବିକେ ଯୋଜନାକୁ ଅବ୍ୟାହତ ରଖିଛନ୍ତି ବୋଲି କହୁଥିଲେ ମଧ୍ୟ ଏହାକୁ ପଛୁଆ ଅଞ୍ଚଳ ଅନୁଦାନ ପାଣ୍ଠିରେ ସଂଶ୍ଳିଷ୍ଟ କରି ସେ ବାବଦରେ ମାତ୍ର ବର୍ଷକୁ ୧୩୦କୋଟି ଟଙ୍କା ଦେଉଛନ୍ତି । ତେଣୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କେବିକେ ଅଞ୍ଚଳ ପାଇଁ ବିଜୁ କେବିକେ ଯୋଜନାରେ ୨୦୦କୋଟି ଟଙ୍କା ଦେବାକୁ ଘୋଷଣା କରିଛନ୍ତି । ଏହି କାରଣରୁ ରାଜ୍ୟରେ ମେଣ୍ଟ ସରକାରର ଭାବମୂର୍ତ୍ତି ବୃଦ୍ଧି ପାଇଥିବାବେଳେ କଂଗ୍ରେସ ଦଳ ଏହି ଘଟଣାକୁ ନେଇ ରାଜ୍ୟରେ ଘୋର ସମାଲୋଚିତ ହୋଇଛି । ତେଣୁ ପ୍ରଧାନମନ୍ତ୍ରୀ ୟୁପିଏ ସରକାର ଓ କଂଗ୍ରେସର ଭାବମୂର୍ତ୍ତି ରକ୍ଷା ପାଇଁ କେବିକେ ଜିଲ୍ଲା ଗସ୍ତ କରିବେ ବୋଲି କୁହାଯାଉଛି ।